# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 6 October - 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆସନ୍ତାକାଲି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବ ଓଡ଼ିଶା ସମେତ ମାଓ ପ୍ରଭାବିତ ୮ଟି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ସମୀକ୍ଷା ବୈଠକ

– ମୁଖ୍ୟମନ୍ତ୍ରୀଙ୍କ ଆଜିଠୁ ତିନିଦିନିଆ ଦିଲ୍ଲୀ ଗସ୍ତ

- ବରଗଡ଼ ଜିଲ୍ଲାରେ ଏ ପର୍ଯ୍ୟନ୍ତ ୭୩ ଜଣଙ୍କ ଠାରେ ସ୍କ୍ରବ ପଜିଟିଭ୍ ଥିବା ନେଇ ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ସୂଚନା

- ପୁରୀ ଶ୍ରୀକ୍ଷେତ୍ରରେ ହବିଷ ବ୍ରତ ପାଳନ ପାଇଁ ଆଜିଠୁ ଆରମ୍ଭ ହେଲା ଅନଲାଇନ୍ ପଞ୍ଜୀକରଣ

ଏବଂ

- କଟକ ବାଲିଯାତ୍ରା ପାଇଁ ପଞ୍ଜୀକରଣ ପ୍ରକ୍ରିୟା ଆଜିଠୁ ହେଲା ଆରମ୍ଭ

## ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଆସନ୍ତାକାଲି ନୂଆଦିଲ୍ଲୀଠାରେ ମାଓବାଦୀ ପ୍ରଭାବିତ ୮ଟି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ଏହି ରାଜ୍ୟଗୁଡ଼ିକ ହେଉଛି, ଆନ୍ଧ୍ରପ୍ରଦେଶ, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ତେଲଙ୍ଗାନା, ଓଡ଼ିଶା, ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶ। ୨୦୨୬ ମାର୍ଚ୍ଚ ମାସ ସୁଦ୍ଧା ନକ୍ସଲପନ୍ଥୀ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବା ପାଇଁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ତେଣୁ ନକ୍ସଲବାଦ ଆହ୍ୱାନର ମୁକାବିଲା ପାଇଁ କାର୍ଯ୍ୟପନ୍ଥା ସ୍ଥିର କରିବା ଲକ୍ଷ୍ୟରେ ଏହି ବୈଠକରେ ବିସ୍ତୃତ ଆଲୋଚନା ହେବାର ସମ୍ଭାବନା ରହିଛି। ବୈଠକରେ କେନ୍ଦ୍ର ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟଙ୍କ ସହ ଜାତୀୟ ସୁରକ୍ଷା ଉପପରାମର୍ଶଦାତା, କେନ୍ଦ୍ର, ରାଜ୍ୟ ଓ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀର ବରିଷ୍ଠ ଅଧିକାରୀ ଯୋଗଦେବେ। ପ୍ରଭାବିତ ରାଜ୍ୟର ଦୁର୍ଗମ ଅଞ୍ଚଳରେ ଉନ୍ନୟନମୂଳକ ଯୋଜନା ପହଁଞ୍ଚାଇବା ପାଇଁ ସଡ଼କ ଓ ମୋବାଇଲ୍ ଯୋଗାଯୋଗକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ଏହି ବୈଠକରେ ଆଲୋଚନା ହେବ। ଏ ପର୍ଯ୍ୟନ୍ତ ପ୍ରଭାବିତ ରାଜ୍ୟର ଦୁର୍ଗମ ଅଞ୍ଚଳରେ ୧୪ ହଜାର ୪୦୦

କିଲୋମିଟର ରାସ୍ତା ନିର୍ମାଣ ହୋଇଥିବା ବେଳେ ପାଖାପାଖି ୬ ହଜାର ମୋବାଇଲ ଟାୱାର ବସାଯାଇଥିବା ଜଣାପଡ଼ିଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ତିନିଦିନିଆ ଦିଲ୍ଲୀ ଗସ୍ତରେ ଯାଉଛନ୍ତି । ଏହି ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ନକ୍ସଲ ପ୍ରଭାବିତ ରାଜ୍ୟଗୁଡ଼ିକର ସମୀକ୍ଷା ବୈଠକରେ ଯୋଗଦେବା ସହ ଅନ୍ୟାନ୍ୟ କେତେକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି ।

***I&PR***

## ମୁଖ୍ୟମନ୍ତ୍ରୀ- ଜନଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତାକାଲି ଏବଂ ୧୪ ତାରିଖ ସୋମବାର ଦିନ ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟ ପାଇଁ ଆସନ୍ତାକାଲି ଏବଂ ୧୪ ତାରିଖରେ ଦୁର୍ଗାପୂଜା ଭସାଣି ପାଇଁ ଜନଶୁଣାଣି ବନ୍ଦ ରହିବା ନେଇ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି ।

***Baragada***

## ସ୍କ୍ରବ ଟାଇଫସ୍

ବରଗଡ଼ ଜିଲ୍ଲାରେ ଚଳିତ ବର୍ଷ ଆରମ୍ଭରୁ ଏ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରୁ ସ୍କ୍ରବ ଟାଇଫସ୍ ସନ୍ଦେହରେ ୯୦୦ରୁ ଅଧିକ ଲୋକଙ୍କର ରକ୍ତ ନମୂନା ପରୀକ୍ଷା କରାଯାଇସାରିଛି । ସେଥିମଧ୍ୟରୁ ୭୩ ଜଣଙ୍କଠାରେ ସ୍କ୍ରବ ପଜିଟିଭ୍ ଥିବା ଜଣାପଡ଼ିଛି । ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଏହି

ରୋଗୀଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଛି ବୋଲି ବରଗଡ଼ ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନିରୂପମା ଷଡ଼ଙ୍ଗୀ କହିଛନ୍ତି । ସେ କହିଛନ୍ତି,

**- V/O -**

ଜିଲ୍ଲାରେ ଜୁନ୍‌ରୁ ସେପ୍ଟେମ୍ବର ମାସ ମଧ୍ୟରେ ବିଷାକ୍ତ କୀଟ କାମୁଡ଼ିବା ଦ୍ୱାରା ଅନେକ ଲୋକ ଆକ୍ରାନ୍ତ ହୋଇଥାନ୍ତି । ଚଳିତ ବର୍ଷ ଏହାଦ୍ୱାରା ୨ ଜଣଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ଷଡ଼ଙ୍ଗୀ କହିଛନ୍ତି । ସେ କହିଛନ୍ତି, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରୀକ୍ଷା ପାଇଁ ଉପକରଣ ଉପଲବ୍ଧ ରହିଛି । ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ସମ୍ପର୍କରେ ସୂଚନା ପ୍ରଦାନ ପାଇଁ ସମ୍ପୃକ୍ତ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଡାକ୍ତରୀ ଷଡ଼ଙ୍ଗୀ କହିଛନ୍ତି ।

***Kandhamal***

## କ୍ରାଇମବ୍ରାଞ୍ଚ ତଦନ୍ତ

କନ୍ଧମାଳ ଜିଲ୍ଲା ଗୋଚ୍ଛାପଡ଼ା ଥାନା ଅଞ୍ଚଳରେ ପୁଲିସ ନିର୍ଯାତନା ଜନିତ ମୃତ୍ୟୁ ଅଭିଯୋଗର ତଦନ୍ତ କ୍ରାଇମବ୍ରାଞ୍ଚ ଆରମ୍ଭ କରିଛି । କ୍ରାଇମବ୍ରାଞ୍ଚ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଜତ ରାୟଙ୍କ ନେତୃତ୍ୱରେ ଆସିଥିବା ତିନିଜଣିଆ ଦଳ ଗୋଛାପଡ଼ା ଥାନାରେ ପହଁଞ୍ଚି ଆଲୋଚନା କରିଛନ୍ତି । ମୃତଶରୀର ମିଳିଥିବା ଡାଙ୍ଗଣମୁଁଘାଟି ଅଞ୍ଚଳରେ ମଧ୍ୟ କ୍ରାଇମବ୍ରାଞ୍ଚ ଦଳ ପହଁଞ୍ଚି କ୍ଷେତ୍ରୀୟ ଅନୁଧ୍ୟାନ କରିଥିଲେ । ଗଣମାଧ୍ୟମକୁ ସୂଚନା ଦେଇ ଡି.ଏସ୍.ପି ଶ୍ରୀ ରାୟ କହିଛନ୍ତି,  ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ତଦନ୍ତ ଆରମ୍ଭ ହୋଇଛି । ଅନ୍ୟପକ୍ଷରେ ମୃତବ୍ୟକ୍ତିଙ୍କ

ପରିବାର କନ୍ଧମାଳ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଆର୍ଥିକ ସହାୟତା ତଥା ଅନ୍ୟାନ୍ୟ ଦାବି ଉପସ୍ଥାପନ କରିଛନ୍ତି। ସୂଚନାଯୋଗ୍ୟ, ଗତ ମାସ ୨୬ ତାରିଖରେ ମୋଟରସାଇକେଲ ଯୋଗେ ଗୋଛାପଡ଼ା ଅଞ୍ଚଳରୁ ବୌଦ୍ଧ ଜିଲ୍ଲା କଣ୍ଟାମାଳକୁ ବାଇକ୍ ଯୋଗେ ଗଞ୍ଜେଇ ଚାଲାଣ ବେଳେ ଡାଙ୍ଗଣମୁଁ ଘାଟୀରେ ପୁଲିସ ହାତରେ ଧରାପଡ଼ିଥିଲା। ଦୁଇ ଆରୋହୀଙ୍କ ମଧ୍ୟରୁ ଜଣେ ଖସି ପଳାଇଥିବା ବେଳେ ଅନ୍ୟ ଜଣଙ୍କର ମୃତଦେହ ଘାଟୀ ତଳୁ ଉଦ୍ଧାର କରାଯାଇଥିଲା। ପୁଲିସ ନିର୍ଯାତନାରେ ତାଙ୍କର ମୃତ୍ୟୁ ହୋଇଛି ବୋଲି ପରିବାର ପକ୍ଷରୁ ଅଭିଯୋଗ ଆଧାରରେ କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ କରିଛି।

***Puri***

## ହବିଷ୍ୟାଳୀ ବ୍ରତ ପଞ୍ଜୀକରଣ

କାର୍ତ୍ତିକ ମାସରେ ପୁରୀ ଶ୍ରୀକ୍ଷେତ୍ରରେ ହବିଶ ବ୍ରତ ପାଳନ ପାଇଁ ଆଜିଠାରୁ ପଞ୍ଜୀକରଣ ଆରମ୍ଭ ହୋଇଛି। ହବିଷ୍ୟାଳୀ ଯୋଜନାରେ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଅନଲାଇନ୍ ମାଧ୍ୟମରେ ଏହି ପଞ୍ଜୀକରଣ ଜାରି ରହିବ। ଯୋଜନା ଅଧୀନରେ ୨ ହଜାର ୫୦୦ ହବିଷ୍ୟାଳୀଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଇଚ୍ଛୁକ ହବିଷ୍ୟାଳୀ ଆସନ୍ତା ୧୭ ତାରିଖଠାରୁ ପୁରୀରେ ପହଁଞ୍ଚି ଅଫ୍‌ଲାଇନ୍ ପଞ୍ଜୀକରଣ ମଧ୍ୟ କରିପାରିବେ। ସେମାନଙ୍କ ପାଇଁ ୪ଟି ଶିବିରର ବ୍ୟବସ୍ଥା କରାଯାଉଛି। ସେଠାରେ ଦେୟମୁକ୍ତ ରହଣି, ମହାପ୍ରସାଦ ସେବନ, ଦର୍ଶନ ଏବଂ ପୂଜାପାଠର ବ୍ୟବସ୍ଥା ସହ ପ୍ରଶାସନ ପକ୍ଷରୁ ଆନୁଷଙ୍ଗିକ ସୁବିଧାର

ବ୍ୟବସ୍ଥା ରହିଛି। ତେବେ ହବିଷ୍ୟାଳୀଙ୍କ ପାଇଁ ତତ୍କାଳ ପଞ୍ଜୀକରଣର ସୁବିଧା ଉପଲବ୍ଧ ହେବ ନାହିଁ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି।

***BHK/R***

# ନବରାତ୍ର - ଦୁର୍ଗାପୂଜା

ଶକ୍ତିପୀଠ ଗୁଡ଼ିକରେ ମା'ଙ୍କର ନବରାତ୍ର ପୂଜା ଅବସରରେ ଚତୁର୍ଥ ଦିବସରେ ଆଜି କୁଷ୍ମାଣ୍ଡା ବେଶ ଅନୁଷ୍ଠିତ ହୋଇଛି। ବରଗଡ଼ର ଗ୍ରାମ୍ୟ ଦେବୀ ମା' ସମଲେଶ୍ୱରୀଙ୍କ ପୀଠରେ ୧୨ ତାରିଖ ପର୍ଯ୍ୟନ୍ତ ନବରାତ୍ର ପୂଜା ଚାଲିଛି। ଠାକୁରାଣୀଙ୍କର କୁଷ୍ମାଣ୍ଡା ବେଶ ଦର୍ଶନ ପାଇଁ ଆଜି ମନ୍ଦିରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି।

ଭଦ୍ରକ ସହରରେ ଶାନ୍ତିଶୃଙ୍ଖଳାର ସହ ଦୁର୍ଗା ପୂଜା ପାଳନ ଏବଂ ଭସାଣୀ ଆୟୋଜନ ପ୍ରସ୍ତୁତି ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ପୂଜା ପ୍ରସ୍ତୁତି ସହ ରାସ୍ତାଘାଟ ମରାମତି, ପରିମଳ ବ୍ୟବସ୍ଥା, ବିଦ୍ୟୁତ ଯୋଗାଣ, ଟ୍ରାଫିକ ନିୟନ୍ତ୍ରଣ, ପାନୀୟଜଳ ଯୋଗାଣ ତଥା ଭସାଣୀ ଶୋଭାଯାତ୍ରା ନେଇ ବିସ୍ତୃତ ଆଲୋଚନା ହୋଇଛି। ଏ ସମ୍ପର୍କରେ ଆମ ଭଦ୍ରକ ସମ୍ବାଦଦାତାଙ୍କ ରିପୋର୍ଟ....

***Voice*** :.............

ଆରଡ଼ିର ପ୍ରସିଦ୍ଧ ବାବା ଆଖଣ୍ଡଳମଣୀଙ୍କ ପୀଠରେ ଥିବା ମା' ଜୟଦୁର୍ଗାଙ୍କର ଆଜି ନାରାୟଣୀ ବେଶ ଅନୁଷ୍ଠିତ ହୋଇଛି। ଏଥିପାଇଁ

ମନ୍ଦିରରେ ଶ୍ରଦ୍ଧାଳୁଙ୍କର ଭିଡ଼ ଲାଗି ରହିଛି। ମା' ଭଦ୍ରକାଳୀ, ମା' ଧାମରାଇ, ଦକ୍ଷିଣେଶ୍ୱରୀ କାଳୀ ଆଦି ଶକ୍ତିପୀଠରେ ଠାକୁରାଣୀଙ୍କର ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହେଉଛି।

***Ganjam***

## ପ୍ରଶିକ୍ଷଣ ଶିବିର

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ସ୍ଥିତ ଜିଲ୍ଲା କୃଷି କାର୍ଯ୍ୟାଳୟ ପକ୍ଷରୁ କୃଷି ସମ୍ପ୍ରସାରଣ କର୍ମଚାରୀଙ୍କ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଫସଲରେ ସମନ୍ୱିତ ପୁଷ୍ଟିକର ପରିଚାଳନା ସମେତ ନୂତନ ଜ୍ଞାନକୌଶଳ ପ୍ରୟୋଗ ଉପରେ ଶିବିରାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଜିଲ୍ଲାସ୍ତରୀୟ କୃଷି ଅଧିକାରୀ ଏଥିରେ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଦିଗପହଣ୍ଡି, ସାନଖେମୁଣ୍ଡି ଏବଂ କୁକୁଡ଼ାଖଣ୍ଡି ବ୍ଲକର ୧୪୮ ଜଣ କୃଷି ସମ୍ପ୍ରସାରଣ କର୍ମଚାରୀ ଏଥିରେ ଯୋଗ ଦେଇଥିଲେ।

***CTC***

# ବାଲିଯାତ୍ରା-ପ୍ଲଟ ପଞ୍ଜିକରଣ

ଐତିହାସିକ କଟକ ବାଲିଯାତ୍ରା ପାଇଁ ଆଜିଠୁ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ସମ୍ପୂର୍ଣ୍ଣ ପଞ୍ଜିକରଣ ପ୍ରକ୍ରିୟାକୁ ପ୍ରଥମଥର ପାଇଁ ଇ-ପେମେଣ୍ଟ ଜରିଆରେ କରାଯାଉଛି। ଚଳିତବର୍ଷ ମଧ୍ୟ ପୃଷ୍ଠପୋଷକଙ୍କୁ ପଞ୍ଜିକରଣ ପ୍ରକ୍ରିୟାରେ ପ୍ରାଧାନ୍ୟ ଦିଆଯିବ । ଆସନ୍ତା ୧୫ ତାରିଖରେ ଅନ୍ୟ ବ୍ୟବସାୟୀ, ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ପ୍ଲଟ ପାଇଁ ପଞ୍ଜିକରଣ

କରିପାରିବେ । ସୂଚନା ଅନୁସାରେ ଆସନ୍ତା ନଭେମ୍ବର ୧୫ ତାରିଖରୁ ୨୨ ତାରିଖ ଯାଏଁ ବାଲିଯାତ୍ରା ଅନୁଷ୍ଠିତ ହେବ ।

***Ganjam***

## ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ପାଳନ

ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ପାଳନ ଅବସରରେ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ସ୍ଥିତ ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ କଲେଜଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଛି। ସନ୍ତୁଳିତ ପରିବେଶ ପାଇଁ ବନ୍ୟପ୍ରାଣୀଙ୍କ ସୁରକ୍ଷା ଏବଂ ବ୍ୟାପକ ଚାରାରୋପଣ ଉପରେ ଏହି ସଭାରେ ଗୁରୁତ୍ୱାରୋପ କରାଯାଇଛି। କଲେଜର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ଡକ୍ଟର ସୁଜାତା ପାତ୍ରଙ୍କ ସଂଯୋଜନାରେ  ଆୟୋଜିତ ଏହି ସଭା ଅବସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

***Desk***

## ପାଣିପାଗ

କୋହଲା ପାଗ ସହ ବଜ୍ରପାତ ଆଶଙ୍କା ନେଇ ଆସନ୍ତା ୨୪ ଘଣ୍ଟା ପାଇଁ ୨୦ଟି ଜିଲ୍ଲାକୁ ପାଣିପାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଏହି ଜିଲ୍ଲାଗୁଡ଼ିକ ହେଲା ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, କନ୍ଧମାଳ, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଅନୁଗୁଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ,

ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ ଏବଂ ସୁନ୍ଦରଗଡ଼। ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଟୁଇଟ୍ କରି ଏହି ସୂଚନା ଦେଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାର ବେତନଟୀଠାରେ ସର୍ବାଧିକ ୪୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।